Chapter- 10

# ଗାଁ ବୁଲା

## STUDY NOTES

୧. ପଢ଼ ।

| | | | |
|---|---|---|---|
| ନଷ୍ଟ | ଶୁଷ୍କ | ବୃତ୍ତ | ଷଷ୍ଠ |
| କଷ୍ଟ | କନିଷ୍କ | ଉତ୍ତାପ | ଓଷ୍ଠ |
| ମୁଷ୍ଟି | ପରିଷ୍କାର | କାର୍ତ୍ତିକ | ଶ୍ରେଷ୍ଠ |
| ତୁଷ୍ଟ | ପୁଷ୍କରିଣୀ | ଉତ୍ତମ | ନିଷ୍ଠା |

୨. ପଢ଼ ଓ ଲେଖ ।

| | | | | | |
|---|---|---|---|---|---|
| ସନ୍ତୁଷ୍ଟ | ________ | ଆବିଷ୍କାର | ________ | ଦେବଦତ୍ତ | ________ |
| ବୃଷ୍ଟି | ________ | ପୁରସ୍କାର | ________ | ଉତ୍ତର | ________ |
| ଦୁଷ୍ଟ | ________ | ଅପରିଷ୍କାର | ________ | ଶର୍ମିଷ୍ଠା | ________ |
| ସନ୍ତୁଷ୍ଟ | ________ | ବଶିଷ୍ଠ | ________ | କନିଷ୍ଠ | ________ |

୩. ଯୁକ୍ତାକ୍ଷର ଅନୁଯାୟୀ ତଳ କୋଠରୀକୁ ଶବ୍ଦଗୁଡ଼ିକୁ ନିଅ ।

ବୃଷ୍ଟି, ଶୁଷ୍କ, ସୃଷ୍ଟି, ଓଷ୍ଠ, ଉତ୍ତର, କନିଷ୍କ, ଉତ୍ତାପ, ନିଷ୍ଠା, ବୃତ୍ତି, ନିଷ୍କାସନ, ଚେଷ୍ଟା, ପୁଷ୍କରିଣୀ, ଦୁଷ୍ଟ, ଜ୍ୟେଷ୍ଠ, ଶିଷ୍ଟ ।

| ଷ୍ଟ | ଷ୍କ | ଷ୍ଠ | ତ୍ତ |
|---|---|---|---|
| ବୃଷ୍ଟି | ଶୁଷ୍କ | ଓଷ୍ଠ | ଉତ୍ତର |
| ସୃଷ୍ଟି | କନିଷ୍କ | ନିଷ୍ଠା | ଉତ୍ତାପ |
| ଚେଷ୍ଟା | ନିଷ୍କାସନ | ଜ୍ୟେଷ୍ଠ | ବୃତ୍ତି |
| ଦୁଷ୍ଟ | ପୁଷ୍କରିଣୀ | | |
| ଶିଷ୍ଟ | | | |

ODM EDUCATIONAL GROUP Changing your Tomorrow

## ୪. ପଢ଼ ଓ ଲେଖ।

କ) ଜ୍ୟେଷ୍ଠ ମାସରେ ସୂର୍ଯ୍ୟଙ୍କ ଉତ୍ତାପ ଅଧିକ ଥାଏ।

________________________________________

ଖ) ପ୍ରଭୁ ରାମଚନ୍ଦ୍ର ଲକ୍ଷ୍ମଣଙ୍କର ଜ୍ୟେଷ୍ଠଭାଇ ଅଟନ୍ତି।

________________________________________

ଗ) ସମ୍ବଲପୁରରେ ଶୀତଳଷଷ୍ଠୀ ଏକ ପ୍ରସିଦ୍ଧ ଯାତ୍ରା।

________________________________________

ଘ) ଅନୁଷ୍କାର ଭାଇ ଷଷ୍ଠ ଶ୍ରେଣୀରେ ପଢ଼େ।

________________________________________

ଙ) ଦୁଷ୍ଟ ଲୋକଙ୍କଠାରୁ ଦୂରରେ ରୁହ।

________________________________________

ଚ) ନିଷ୍ଠାବାନ ଲୋକ ସବୁବେଳେ ଉନ୍ନତି କରନ୍ତି।

________________________________________

ଛ) କେତେବେଳେ ବି ଦୁଷ୍ଟାମି କରନାହିଁ।

________________________________________

ଜ) ଶାନ୍ତଶିଷ୍ଟ ପିଲାଙ୍କୁ ସଭିଏଁ ଆଦର କରନ୍ତି।

________________________________________

ଝ) ଜାତୀୟସମ୍ପତ୍ତି ନଷ୍ଟ କରିବା ଉଚିତ ନୁହେଁ।

________________________________________

ଞ) ସର୍ବଦା ପରିଷ୍କାର ରୁହ ଓ ଚାରିପାଖ ପରିଷ୍କାର ରଖ।

________________________________________

ODM EDUCATIONAL GROUP Changing your Tomorrow

**୫. ଶବ୍ଦ ଗଢ଼ । ଯେପରି-**




**୬. ଖାଲିଜାଗାରେ ଯେକୌଣସି ଦୁଇଟି ଚିତ୍ରକର ।**

ପୋଷ୍ଟକାର୍ଡ଼ ଚିତ୍ର

ବୃତ୍ତର ଚିତ୍ର

ମୁଷ୍ଟିର ଚିତ୍ର






**୭. ପୂରଣ କର ।**

| | | |
|---|---|---|
| ସୃଷ୍ଟି | ଷଷ୍ଠ | ପୃଷ୍ଠ |
| ସମଷ୍ଟି | ପୁଷ୍ଟି | ବୃଷ୍ଟି |
| ଓଷ୍ଠ | ନିଷ୍ଠା | |

**୮. କେଉଁଠିକୁ ଯିବା ।**

କ) ପୋଷ୍ଟକାର୍ଡ଼ କିଣିବା ପାଇଁ — ପୋଷ୍ଟ ଅଫିସ୍

ଖ) ପରିବା କିଣିବା ପାଇଁ — ହାଟକୁ ଯିବା (ପରିବା ଦୋକାନକୁ)

ଗ) ପୋଷାକ କିଣିବା ପାଇଁ — ବଜାରକୁ ଯିବା (ପୋଷାକ ଦୋକାନକୁ)

ଘ) ଟଙ୍କା ପଠାଇବା ପାଇଁ — ପୋଷ୍ଟ ଅଫିସ୍

**୯. ଉତ୍ତର ଲେଖ ।**

କ) ତୁମ ଗାଁ ନିକଟରେ ଥିବା ପୋଷ୍ଟ ଅଫିସ୍‌ରେ କ'ଣ କ'ଣ କିଣିବାକୁ ମିଳେ ?

ଉ: ଆମ ଗାଁ ନିକଟରେ ଥିବା ପୋଷ୍ଟ ଅଫିସ୍‌ରେ ପୋଷ୍ଟକାର୍ଡ଼, ଲଫାପା, ଅନ୍ତର୍ଦ୍ଦେଶୀୟ ପତ୍ର, ଟେଲିଗ୍ରାମ୍ ଫର୍ମ ଇତ୍ୟାଦି ମିଳେ ।

ଖ) ତୁମ ଅଞ୍ଚଳର ଲୋକମାନେ କେଉଁଠାରେ ଟଙ୍କା ଜମା ରଖନ୍ତି ?

ଉ: ଆମ ଅଞ୍ଚଳର ଲୋକମାନେ ପୋଷ୍ଟ ଅଫିସ୍ ଓ ବ୍ୟାଙ୍କରେ ଟଙ୍କା ଜମା ରଖନ୍ତି ।

ଗ) ପୋଷ୍ଟ ଅଫିସ୍‌ରେ କି କି କାମ ହୁଏ ?

ଉ: ପୋଷ୍ଟ ଅଫିସ୍‌ରେ ଦୂର ଜାଗାକୁ ଟଙ୍କା ପଠାଇବା, ଚିଠି ପଠାଇବା, ଖବର ପଠାଇବା ଓ ଟଙ୍କା ଜମା କରିବା ଇତ୍ୟାଦି କାମସବୁ ହୁଏ ।

ଘ) ତୁମ ଘର ନିକଟରେ କେଉଁସବୁ ଧର୍ମ ଅନୁଷ୍ଠାନ ଅଛି ?

ଉ: ଆମ ଘର ନିକଟରେ ମନ୍ଦିର, ମସ୍‌ଜିଦ୍, ଗିର୍ଜା, ଗୁରୁଦ୍ୱାର ବୌଦ୍ଧ ମନ୍ଦିର ଆଦି ଧର୍ମ ଅନୁଷ୍ଠାନ ଅଛି ।

ଙ) ତୁମ ଗାଁ/ଅଞ୍ଚଳରେ କେଉଁ ଦିନ ହାଟ ହୁଏ ? ସେହି ହାଟରେ କ'ଣ କ'ଣ ବିକ୍ରି ହୁଏ ?

ଉ: ଆମ ଗାଁରେ ପ୍ରତି ସୋମବାର ଓ ଗୁରୁବାର ହାଟ ହୁଏ । ସେହି ହାଟରେ ପନିପରିବା, ବାସନକୁସନ, ଡାଲି, ଚାଉଳ ଏବଂ ସଉଦାପତ୍ର ବିକ୍ରି ହୁଏ ।

ଚ) ତୁମ ଗାଁ ନିକଟରେ କେଉଁଠାରେ ବଜାର ଅଛି ? ବଜାରରୁ ତୁମ ଗାଁ ଲୋକମାନେ କ'ଣ କ'ଣ କିଣନ୍ତି ?

ଉ: ଆମ ଗାଁ ନିକଟରେ ଡମଣା ବଜାର ଅଛି। ବଜାରକୁ ଲୋକମାନେ ଲୁଗାପଟା, ଫଳମୂଳ, ଔଷଧପତ୍ର, ଆସବାବପତ୍ର ଓ ଇଲେକ୍ଟ୍ରିକାଲ ଜିନିଷ ଇତ୍ୟାଦି କିଣନ୍ତି।

ଛ) ତୁମ ଗାଁ ନିକଟରେ ହାଟ ନଥିଲେ ତୁମର କ'ଣ ଅସୁବିଧା ହୁଅନ୍ତା ?

ଉ: ଆମକୁ ଗାଁ ନିକଟରେ ହାଟ ନଥିଲେ ଆମେ ସତେଜ ପନିପରିବା ମିଳନ୍ତା ନାହିଁ ଏବଂ ଆମକୁ ଜିନିଷପତ୍ର ସୁବିଧାରେ ମିଳନ୍ତା ନାହିଁ। ଜିନିଷପତ୍ର ପାଇଁ ଆମେ ଦୂର ଜାଗାରେ ଥିବା ହାଟକୁ ଯିବାକୁ ପଡ଼ନ୍ତା। ଏପରି ଭାବରେ ଆମକୁ ଅନେକ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ନ୍ତା।

ଜ) କୌଣସି କାରଣରୁ ତୁମ ଅଞ୍ଚଳ / ଗାଁରେ ପୋଷ୍ଟ ଅଫିସ ବନ୍ଦ କରି ଦିଆଗଲେ ତୁମର କି କି ଅସୁବିଧା ହେବ ?

ଉ: କୌଣସି କାରଣରୁ ଯଦି ଆମ ଅଞ୍ଚଳରେ ପୋଷ୍ଟ ଅଫିସ୍ ବନ୍ଦ କରି ଦିଆଯିବ, ତେବେ ଆମେ ଦୂରସ୍ଥାନକୁ ଚିଠି ପଠାଇ ପାରିବା ନାହିଁ, ଟେଲିଗ୍ରାମ କରିପାରିବା ନାହିଁ। ଟଙ୍କା ଜମା / ଉଠାଣ କରିପାରିବା ନାହିଁ ଓ ଖବର ପଠାଇବା ଇତ୍ୟାଦି କାର୍ଯ୍ୟ କରିପାରିବା ନାହିଁ। ଏସବୁ କାର୍ଯ୍ୟ ପାଇଁ ଆମକୁ ଦୂର ସ୍ଥାନରେ ଥିବା ପୋଷ୍ଟ ଅଫିସ୍‌କୁ ଯିବାକୁ ପଡ଼ିବ। ଏହି ପ୍ରକାରର ଅସୁବିଧାରେ ଆମେ ସମ୍ମୁଖୀନ ହେବା।

ODM EDUCATIONAL GROUP
Changing your Tomorrow

♦♦♦